## ଯାତ୍ରୀଙ୍କ ପାଇଁ କାଳ ସୁବର୍ଣ୍ଣପୁର-ଜାତମୁଣ୍ଡିଆ ସେତୁ

# ୨ କିମି ପାରି ହେବାକୁ ଲାଗୁଛି ୩୦ ମିନିଟ୍






**ତିଗିରିଆ/ବାଙ୍କୀ, ୨୨।୨(ସମିସ)**

ତିଗିରିଆ ଓ ବାଙ୍କୀକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ସୁବର୍ଣ୍ଣପୁର-ଜାତମୁଣ୍ଡିଆ ସେତୁ ଏବେ ସାଧାରଣ ଜନଜୀବନ ପାଇଁ ବିପଦ ସଙ୍କେତ ସାଜିଛି। ୨୦୧୬ ମସିହାରେ ନିର୍ମାଣ ଶେଷ ହୋଇଥିବା ଏହି ବ୍ରିଜ୍ ମାତ୍ର ୧୦ ବର୍ଷ ମଧ୍ୟରେ ଅନେକ ଥର ମରାମତି ହୋଇସାରିଛି। ଅଳ୍ପ ଦିନ ତଳେ ହୋଇଥିବା ୬ ଇଞ୍ଚର କଂକ୍ରିଟ୍ ଢଳାଇ ଅତି ନିମ୍ନମାନର ହୋଇଥିବାରୁ ଏବେ ତାକୁ ପୁଣି ମେସିନ୍ ଲଗାଇ ଖୋଳାଯାଉଛି। ପ୍ରାୟ ୨ କିଲୋମିଟର ରାସ୍ତାର ପଶ୍ଚିମପଟ ସମ୍ପୂର୍ଣ୍ଣ ତାଡ଼ି ଦିଆଯାଇଥିବା ବେଳେ ବାକି ଅଂଶରେ ଗାଡ଼ି ଚଳାଚଳ ଅତି ଦୁର୍ବିସହ ହୋଇପଡ଼ିଛି। ରାସ୍ତାର ସ୍ଥିତି ଏପରି ଶୋଚନୀୟ ଯେ ମାତ୍ର ୨ କିଲୋମିଟର ରାସ୍ତା ଅତିକ୍ରମ କରିବା ପାଇଁ ଯାତ୍ରୀଙ୍କୁ ପ୍ରାୟ ୩୦ ମିନିଟ୍ ସମୟ ଲାଗୁଛି। ଆଧୁନିକ ଜ୍ଞାନକୌଶଳର ଯୁଗରେ ପୂର୍ତ୍ତ ବିଭାଗ ଏବେ ମଧ୍ୟ ପୁରୁଣା ପାରମ୍ପରିକ ପଦ୍ଧତିରେ କାର୍ଯ୍ୟ କରୁଥିବାରୁ ଏହା ସମ୍ପୂର୍ଣ୍ଣ ହେବାରେ ଅହେତୁକ ବିଳମ୍ବ ଘଟୁଛି। ଖୋଳାଯାଇଥିବା ରାସ୍ତା ଯୋଗୁଁ ଦୁଇଚକିଆ ଗାଡ଼ି ଚାଳକମାନେ ନିୟନ୍ତ୍ରଣ ହରାଇ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

- ବୃଦ୍ଧି ପାଉଛି ଦୁର୍ଘଟଣା ଓ ଜନଅସନ୍ତୋଷ
- ନିମ୍ନମାନର ମରାମତି ପାଇଁ ଢଳାଇ ତାଡ଼ିଲେ ଠିକାଦାର

ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଭଳି ଜରୁରୀକାଳୀନ ସେବା ଯୋଗାଉଥିବା ଯାନଗୁଡ଼ିକ ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ସେହିପରି ବର୍ତ୍ତମାନ ପରୀକ୍ଷା ଋତୁ ଚାଲିଥିବାରୁ ଆଦର୍ଶ ବିଦ୍ୟାଳୟ ଓ କଲେଜକୁ ଯାଉଥିବା ଛାତ୍ରଛାତ୍ରୀମାନେ ଧାର୍ଯ୍ୟ ସମୟରେ ପହଞ୍ଚି ନ ପାରି ଶିକ୍ଷାଗତ ବାଧାର ସମ୍ମୁଖୀନ ହେଉଛନ୍ତି। ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ଥିବା ସଲାସୁତରା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। କିଛି ଦିନ ପୂର୍ବରୁ ବାଙ୍କୀ ବିଧାୟକ ମରାମତି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ରାଜରାସ୍ତାକୁ ଓହ୍ଲାଇଥିଲେ। ମାତ୍ର ଶାସକ ଦଳର ଜନପ୍ରତିନିଧିଙ୍କ ନିରବତା ପୂର୍ତ୍ତ ବିଭାଗର ମନମାନୀକୁ ଅଧିକ ପ୍ରୋତ୍ସାହନ ଦେଉଛି ବୋଲି ଆଲୋଚନା ହେଉଛି। କାର୍ଯ୍ୟ ଶେଷ ହେବାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଜଣା ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଦି ତୁରନ୍ତ ଏହି ସମସ୍ୟାର ସମାଧାନ କରା ନ ଯାଏ, ତେବେ ଜନସାଧାରଣ ଏକ ବଡ଼ ଧରଣର ଆନ୍ଦୋଳନ କରି ସରକାରଙ୍କୁ ଚେତାବନୀ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରୁଥିବା ସୂଚନା ମିଳିଛି।

### ଗାଡ଼ି ଚାଳକଙ୍କୁ ମାଡ଼ ଓ ପୁଲିସ ସହ ଗଣ୍ଡଗୋଳ ଅଭିଯୋଗ

## ବାଲିପୁଟ ସରପଞ୍ଚ ଓ ସହଯୋଗୀ ଗିରଫ

**ତିଗିରିଆ, ୨୨।୨(ସମିସ):** ତିଗିରିଆ ଥାନା ପୁଲିସ ବାଲିପୁଟ ପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ସୁତାର ଏବଂ ତାଙ୍କ ସହଯୋଗୀ ପ୍ରତାପ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜଣେ ହାଇୱା ଗାଡ଼ି ଡ୍ରାଇଭରଙ୍କୁ ମାଡ଼ ମାରିବା, ଗାଡି ଭଙ୍ଗାରୁଜା କରିବା ଏବଂ ପୁଲିସ ପାଟ୍ରୋଲିଂ ଟିମ୍ ସହ ଗଣ୍ଡଗୋଳ କରି ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏକ ବାହାଘର ଶୋଭାଯାତ୍ରା ଚାଲିଥିବା ବେଳେ ଏକ ହାଇୱା ଗାଡି ସେହି ରାସ୍ତା ଦେଇ ଯିବାକୁ ଚେଷ୍ଟା କରିଥିଲା। ଏହାକୁ ନେଇ ଗ୍ରାମବାସୀ ଓ ଚାଳକଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ପରେ ସରପଞ୍ଚ ଶ୍ରୀ ସୂତାର ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କ ସହ ଯୁକ୍ତିତର୍କ କରିଥିଲେ। ସେହି ସମୟରେ ପୁଲିସ ପାଟ୍ରୋଲିଂ ଗାଡି ପହଞ୍ଚିବାରୁ ସରପଞ୍ଚ ଓ ତାଙ୍କ ସହଯୋଗୀ ପୁଲିସ କର୍ମଚାରୀଙ୍କ ସହ ମଧ୍ୟ ମୁହାଁମୁହିଁ ହୋଇଥିଲେ। ହାଇୱା ଚାଳକ ଓ ପୁଲିସ ପକ୍ଷରୁ ମିଳିଥିବା ଲିଖିତ ଅଭିଯୋଗକୁ ଆଧାର କରି ପୁଲିସ ଉଭୟଙ୍କୁ ଉଠାଇ ଆଣିଥିଲା। ଏହାକୁ ବିରୋଧ କରି ସ୍ଥାନୀୟ ଜନସାଧାରଣ ରାସ୍ତାରୋକ ଓ ଧାରଣା ଦେଇଥିଲେ ହେଁ, ପୁଲିସ ଶେଷରେ ଉଭୟଙ୍କୁ କୋର୍ଟଚାଲାଣ କରିଛି।

## ଗାଁମୁହାଁ ଦୁଇ ଦନ୍ତାହାତୀ; ମକା ଚାଷ ନଷ୍ଟ



**ନରସିଂହପୁର, ୨୨।୨(ସମିସ):** ନରସିଂହପୁର ବନାଞ୍ଚଳରେ ବନ୍ୟଜନ୍ତୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଙ୍ଗଲରେ ଖାଦ୍ୟର ଅଭାବ ଯୋଗୁଁ ବନ୍ୟଜନ୍ତୁମାନେ ଏବେ ଗାଁ ମୁହାଁ ହେଉଥିବା ଅଭିଯୋଗ ହେଉଛି। ପ୍ରାୟ ୭ରୁ ୮ ବର୍ଷ ବୟସର ଦୁଇଟି ଦନ୍ତାହାତୀ ନରସିଂହପୁର ବନାଞ୍ଚଳର ଘୋରାଡ଼ିଆ ନିକଟସ୍ଥ ଗ୍ରାମାଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ଧନୀପୁର ଗ୍ରାମର ଚାଷୀ ନାରାୟଣ ମଲ୍ଲିକଙ୍କ ଦେଢ଼ ଗୁଣ୍ଠ ଜମିରେ ହୋଇଥିବା ପ୍ରାୟ ୮୦୦ ମକା ଗଛକୁ ହାତୀ ଦୁଇଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ହାତୀଙ୍କ ଏଭଳି ଉପଦ୍ରବ ଯୋଗୁଁ ସ୍ଥାନୀୟ ଗ୍ରାମବାସୀ ଏବେ ଭୟଭୀତ ଓ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଖବର ପାଇ ପଶ୍ଚିମାଞ୍ଚଳ ବନ ଅଧିକାରୀ ପ୍ରଦୀପ୍ତ କୁମାର ନାୟକଙ୍କ ସମେତ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାଦ୍ୟଯନ୍ତ୍ର ବଜାଇ ହାତୀ ଦୁଇଟିକୁ ଘଉଡ଼ାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ତେବେ ହାତୀ ଦୁଇଟି ଗ୍ରାମ ଛାଡ଼ି ଜଙ୍ଗଲକୁ ଯିବା ପାଇଁ ଅମଙ୍ଗ ହେଉଥିବା ଦେଖାଯାଇଛି। ବନ ବିଭାଗ ହାତୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ସହିତ ଏମାନେ କେଉଁ ଅଞ୍ଚଳରୁ ଆସିଛନ୍ତି, ସେନେଇ ଅଧିକ ତଦନ୍ତ ଜାରି ରଖିଛି।

## ଯୁବ ଠିକାଦାରଙ୍କ ଅକାଳ ମୃତ୍ୟୁ



**ନିଶ୍ଚିନ୍ତକୋଇଲି, ୨୨।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମର ସ୍ୱର୍ଗତ ଦେବେନ୍ଦ୍ର ବେହେରାଙ୍କ ପୁତ୍ର ସୁଜିତ ବେହେରା (୪୯)ଙ୍କ ହୃଦ୍‌ଘାତ ଜନିତ ମୃତ୍ୟୁ ହୋଇଛି। ସେ ସାଲେପୁର ପୂର୍ବତନ ବିଧାୟକ ରବୀନ୍ଦ୍ର ବେହେରାଙ୍କ ପୁତୁରା ଏବଂ ପୂର୍ବତନ ସାଂସଦ ବାଇଧର ବେହେରାଙ୍କ ନାତି। ଜଣେ ଆଧ୍ୟାତ୍ମିକବାଦୀ, ସରଳ ସ୍ୱଭାବ ଓ ମେଳାପୀ ଯୁବକ ଥିବାରୁ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ରଣଜିତ୍ ବେହେରା, ଭଉଣୀ ସୁଜାତା ବେହେରାଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଆଇନଜୀବୀ ଭାସ୍କରଚନ୍ଦ୍ର ବେହେରା, ମିହିର ମିଶ୍ରଙ୍କ ସମେତ ବହୁ ନେତୃବୃନ୍ଦ ଶେଷ ଦର୍ଶନ କରି ଗଭୀର ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଏକମାତ୍ର ପୁତ୍ର ବିଶ୍ୱରଞ୍ଜନ ବେହେରା ମୁଖାଗ୍ନି ଦେଇଥିଲେ।

## ସାଲେପୁର କଲେଜର ବାର୍ଷିକ ଉତ୍ସବ ଉଦ୍‌ଘାଟିତ



**ସାଲେପୁର, ୨୨।୨(ସମିସ):** କଟକ ଜିଲ୍ଲା ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବ ଉଦଘାଟିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ଡ. ସଙ୍ଗୀତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ କବି ଓ ଗୀତିକାର ବିଜୟ ମଲ୍ଲ, ସମ୍ମାନିତ ଅତିଥି ବ୍ୟଙ୍ଗ କବି ଜ୍ଞାନ ହୋତା, ସମ୍ମାନିତ ଅତିଥି ଭାବେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପଦେଷ୍ଟା ଆଲୋକଚନ୍ଦ୍ର ମହାନ୍ତି, ପ୍ରଶାସନିକ ଅଧିକାରୀ ରୀନା ସ୍ୱାଇଁ ଯୋଗ ଦେଇଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ଶୀତଲ ପାତ୍ର ଛାତ୍ରଛାତ୍ରୀଙ୍କ ମନୋରଞ୍ଜନ କରିଥିଲେ। ଜୟନ୍ତୀ ନାୟକ, ହୃଷୀକେଶ ମହାରଣା ଓ ସାରଦା ପ୍ରସାଦ ମହାନ୍ତି ମଞ୍ଚ ସଂଯୋଜନା କରିଥିବା ବେଳେ ସଞ୍ଜୟ ନାୟକ, କ୍ରୀଡା ଶିକ୍ଷକ ବସନ୍ତ ଲେଙ୍କା, ସତ୍ୟ ନାରାୟଣ ପଟ୍ଟନାୟକ, ଅଧ୍ୟାପକ ଜୀବନଜ୍ୟୋତି ପଟ୍ଟନାୟକ, ଅଧ୍ୟାପକ ଜୟବର୍ଦ୍ଧନ ଜେନା ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କଲେଜର କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ତୃତୀୟ ପର୍ଯ୍ୟାୟ ପ୍ରବୋଧନ ତାଲିମ ଉଦ୍‌ଯାପିତ

**ବଡମ୍ବା, ୨୨।୨(ସମିସ):** ବଡମ୍ବା ଶିକ୍ଷା ମଣ୍ଡଳ ଅନନ୍ତ ମାଝୀ ଉଚ୍ଚ ବିଦ୍ୟାଳୟ, ସାନବାରସିଂହ ପରିସରରେ ଗତ ୧୬ ତାରିଖରୁ ଆରମ୍ଭ ହୋଇ ୨୦ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟର ୧୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନେଇ ଆରମ୍ଭ ହୋଇଥିବା ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ 'ପ୍ରବୋଧନ' ତାଲିମ ସମାପନ ହୋଇଯାଇଛି। ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ତତ୍ତ୍ୱାବଧାନରେ ଏବଂ ମଣ୍ଡଳ ସହ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମାଙ୍କ ଯୋଜନାରେ ଏବଂ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ଜେନାଙ୍କ ସମ୍ପୂର୍ଣ୍ଣ ସହଯୋଗରେ ସମ୍ବଳ ଶିକ୍ଷକ ଭାବେ ଗୋବିନ୍ଦ ଚନ୍ଦ୍ର ଗୋଚ୍ଛି, ରାଜେଶ ମହାପାତ୍ର, ରମେଶ ଚନ୍ଦ୍ର ନାୟକ ଓ ବଳଭଦ୍ର ଜେନା ୫ ଦିନ ଧରି ଅତି ସୁନ୍ଦର ଓ ସାବଲୀଳ ଢଙ୍ଗରେ ତାଲିମ ପ୍ରଦାନ କରିଥିଲେ।

## ବସ୍ତପଡ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ; ସୁନ୍ଦରପଦା ଚାମ୍ପିଅନ



**କିଶନନଗର, ୨୨।୧(ସମିସ):** କଟକ ସଦର ଅନ୍ତର୍ଗତ ବସ୍ତପଡ଼ା କ୍ରିକେଟ କ୍ଲବ ଓ ସୁନୀଲ ମେମୋରିଆଲ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ଜିଲ୍ଲାସ୍ତରୀୟ ୨୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଭୁବନେଶ୍ୱର ସୁନ୍ଦରପଦା ଓ ସାଲେପୁର କ୍ଲବ ମଧ୍ୟରେ ସୁନ୍ଦରପଦା ୧୩ ରନରେ ସାଲେପୁରକୁ ହରାଇ ଚାମ୍ପିଅନ୍ ହୋଇଛି। ମୁଖ୍ୟଅତିଥି ଶିକ୍ଷାବିତ ବିମଳ ପଣ୍ଡା, କ୍ରୀଡାବିତ ସମୀର ସେନାପତି, ସମାଜସେବୀ ଶୁଭେନ୍ଦୁ ପଣ୍ଡା, ସାମ୍ବାଦିକ ସର୍ବେଶ୍ୱର ମିଶ୍ର, ଚିତ୍ତ ରଞ୍ଜନ ବେହେରା, ଅନନ୍ତ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସରୋଜ ରାଉତରାୟ, ସ୍ୱାଧୀନ ରାଉତରାୟ, ବିଶ୍ୱଭୂଷଣ ସ୍ୱାଇଁ, ସୁବାସଚନ୍ଦ୍ର ସାହୁ, ପ୍ରକାଶ ବେହେରା, ବିଦ୍ୟାଧର ନାୟକ ଖେଳ ପରିଚାଳନା କରିଥିଲେ। କ୍ଲବ ସଭ୍ୟ ସହଯୋଗ କରିଥିଲେ।

## ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




**ନିଶ୍ଚିନ୍ତକୋଇଲି, ୨୨।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ବାଣୀନଗରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୦ତମ ବାର୍ଷିକ ଉତ୍ସବ ଓ ଶ୍ରୀମାଙ୍କ ୧୪୯ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। କମିଟି ସଭାପତି ଅଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କନ୍ଧମାଳର ପ୍ରାକ୍ତନ ଜିଇଓ ପ୍ରମୋଦ ଷଡ଼ଙ୍ଗୀ ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଇଓ ଅନନ୍ତ ଭୂୟାଁ, ସରପଞ୍ଚ ଜୟଦେବ ରାଉତଙ୍କ ସମେତ ବହୁ ବରିଷ୍ଠ ଶିକ୍ଷାବିତ୍ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସମ୍ପାଦକ ଲକ୍ଷ୍ମଣ ଲେଙ୍କା ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟକ୍ଷ ମହମ୍ମଦ ସାହିଦ ଅଖତର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ର ଆୟୁଷ୍କାନ୍ତ ରାଉତ ଓ ଛାତ୍ରୀ ହରପ୍ରିୟା ରାଉତଙ୍କୁ ଶ୍ରେଷ୍ଠ ପୁରସ୍କାର ସହ ଶତାଧିକ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ଅଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ପଣ୍ଡିତ ଦିବ୍ୟସୁନ୍ଦର ଆଚାର୍ଯ୍ୟଙ୍କ ସ୍ମୃତିସଭା



**ମାହାଙ୍ଗା, ୨୨।୨(ସମିସ):** ମାହାଙ୍ଗା ବ୍ଲକର ଐତିହାସିକ ରଘୁନାଥଜିଉ ମଠ କୋଠପଦା ପ୍ରାଙ୍ଗଣରେ ବିରୂପା ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଶିଷ୍ଟ ପଣ୍ଡିତ ଦିବ୍ୟସୁନ୍ଦର ଆଚାର୍ଯ୍ୟଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ସମ୍ପନ୍ନ ହୋଇଯାଇଛି। ସାହିତ୍ୟିକ ଅଖିଳେଶ ପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ଡ. ଅଜିତ ମହାପାତ୍ର, ପ୍ରାଧ୍ୟାପକ ଡ. ନିଖିଳେଶପଦ ମହାନ୍ତି, ଶିକ୍ଷାବିତ ବଟକିଶୋର ପଣ୍ଡା ଏବଂ ପ୍ରାକ୍ତନ ପ୍ରଧାନଶିକ୍ଷକ କିଶୋରଚନ୍ଦ୍ର ଦାଶଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ସ୍ୱର୍ଗତ ଆଚାର୍ଯ୍ୟଙ୍କ ବହୁମୁଖୀ ପ୍ରତିଭା ଓ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଗଣେଶ ବିହାରୀ, ଅଚ୍ୟୁତାନନ୍ଦ ପଲେଇ, ଅର୍ଜ୍ଜୁନୀ ବିହାରୀ ଓ ଗୟାଧର ସାହୁଙ୍କ ସମେତ ସଂସଦର ଅନେକ ସଦସ୍ୟ ସହଯୋଗ କରିଥିଲେ। ପୂର୍ବତନ ସରପଞ୍ଚ ସୁବାସଚନ୍ଦ୍ର ବେହେରା ଓ ହେମନ୍ତ ପ୍ରଧାନଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ସ୍ୱର୍ଗତ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭା ଅଞ୍ଚଳରେ ଏକ ଶୋକାକୁଳ ତଥା ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା।

## କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



**ନରସିଂହପୁର, ୨୨।୨(ସମିସ):** ନରସିଂହପୁର ବ୍ଲକ ସଦର ମହକୁମାସ୍ଥିତ କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିକୁ ନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଗଣଧାରଣା ଦିଆଯାଇଛି। ଅନୁଗୋଳ ଡିଭିଜନ ଅନ୍ତର୍ଗତ ନରସିଂହପୁର ବନାଞ୍ଚଳର ବଡ଼ବେରଣାଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଥିବା ୨୦ଟି ଫଡ଼ି ଘରର ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ପତ୍ର ତୋଳାଳି ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ପତ୍ର ତୋଳା ପ୍ରାପ୍ୟ ମୂଲ୍ୟ ବୃଦ୍ଧି କରିବା ଏବଂ ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ସହାୟତା ରାଶିର ବାଟମାରଣା ରୋକିବା ଦାବିରେ ଶତାଧିକ ମହିଳା ଓ ପୁରୁଷ ଏହି ଧାରଣାରେ ବସିଥିଲେ। ଅନ୍ୟପଟେ ଏହି ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀ ତିଳୋତ୍ତମା ବିଶ୍ୱାଳ କହିଛନ୍ତି ଯେ ସଂଘ ତରଫରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଦାବିପତ୍ର ଦିଆଯାଇନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ ତୋଳାଳିଙ୍କ ସମସ୍ତ ପ୍ରାପ୍ୟ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ଯାଉଛି, ତେଣୁ ବାଟମାରଣାର ପ୍ରଶ୍ନ ଉଠୁନାହିଁ। କେବଳ ବ୍ୟାଙ୍କ ଖାତାରେ ତ୍ରୁଟି ଥିବା କିଛି ବ୍ୟକ୍ତିଙ୍କ ଅର୍ଥ ପାଇବାରେ ବିଳମ୍ବ ହୋଇଥାଇପାରେ। ଧାରଣାକାରୀମାନେ କେତେବେଳେ ଆନ୍ଦୋଳନରୁ ଓହରିଛନ୍ତି, ସେନେଇ ମଧ୍ୟ ବିଭାଗ ପାଖରେ ସୂଚନା ନ ଥିବା ସେ ପ୍ରକାଶ କରିଛନ୍ତି।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



**ମାହାଙ୍ଗା, ୨୨।୨(ସମିସ):** ମାହାଙ୍ଗା ବ୍ଲକ ଭଉଁରୀଆ ପଞ୍ଚାୟତର ପନ୍ଦର ବାଟିଆଠାରେ ଜଳସମ୍ପଦ ବିଭାଗ ପକ୍ଷରୁ ଏକ ବୃହତ ଜଳ ନିଷ୍କାସନ ଉନ୍ନତିକରଣ ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମଇଜରା ନଦୀ ଓ ଗୋବରୀ ଜଳ ନିକାଶ ପ୍ରଣାଳୀର ସଂଯୋଗ ନାଳିଗୁଡ଼ିକର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରାୟ ୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ୧୯ଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ଓ ଚାଷୀ ଉପକୃତ ହେବେ। ବିଧାୟକ ଶ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ କହିଛନ୍ତି ଯେ ଏହି ୨୭ କିଲୋମିଟର ଲମ୍ବ ବିଶିଷ୍ଟ ସଂଯୋଗ ପାଟ ନାଳିର ପୁନରୁଦ୍ଧାର ଦ୍ୱାରା ଦୀର୍ଘ ଦିନର ଜଳବନ୍ଦୀ ସମସ୍ୟାର ସମାଧାନ ହେବ। ସମିତିସଭ୍ୟ ମନୋରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ, ପୂର୍ବତନ ଅଧ୍ୟକ୍ଷା କନକଲତା ବେହେରା, ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ ଏବଂ ଉପାଧ୍ୟକ୍ଷ ଅଶୋକ ଓଝାଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ସମାଜସେବୀ ଯୋଗଦେଇଥିଲେ। ବିଧାୟକ କାର୍ଯ୍ୟର ସଠିକ୍ ତଦାରଖ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

## ବାଲିସାହି ପଞ୍ଚାୟତରେ ଜଳଯୋଗାଣ ବାଧାପ୍ରାପ୍ତ



**ନରସିଂହପୁର, ୨୨।୨(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ଗ୍ରାମପଞ୍ଚାୟତର ମାଳିସାହି ଗ୍ରାମରେ ପାନୀୟ ଜଳ ସମସ୍ୟା ଉଗ୍ର ରୂପ ଧାରଣ କରିଛି। ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମୁକ୍ତାନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ସୋଲାର ପାଣି ଟାଙ୍କିର ମୋଟରଟିକୁ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ରବିବାର ସକାଳୁ ଗ୍ରାମବାସୀ ପାଣି ନେବାକୁ ଯାଇଥିବା ବେଳେ ପାଇପ୍‌ରୁ ପାଣି ନ ଆସିବାରୁ ଚୋରି ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ମୋଟର ଚୋରି ଯୋଗୁଁ ଗତ ଦୁଇ ଦିନ ଧରି ଗ୍ରାମରେ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପାଣି ଅଭାବରୁ ମୁକ୍ତାନାଥ ଠାକୁରଙ୍କ ଭୋଗ ନୀତିରେ ମଧ୍ୟ ବ୍ୟାଘାତ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ହେଁ, ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ନୂତନ ମୋଟର ବ୍ୟବସ୍ଥା କରି ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଉଦ୍‌ଘାଟନ ପରେ ଶୌଚାଳୟରେ ଝୁଲୁଛି ତାଲା

**ବଡ଼ମ୍ବା, ୨୨।୨(ସମିସ)**




ବଡମ୍ବା ବ୍ଲକ ଅଭିମାନପୁର ଗ୍ରାମପଞ୍ଚାୟତର ବିଧାରପୁର ଛକ ନିକଟରେ ନିର୍ମିତ ଗୋଷ୍ଠୀ ଶୌଚାଳୟ ଏବେ ପ୍ରଶାସନିକ ଅବହେଳାର ମୂକସାକ୍ଷୀ ପାଲଟିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଜଳ ଓ ପରିମଳ ମିଶନ ଶକ୍ତି ତରଫରୁ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟରେ ଏହି ଶୌଚାଳୟ ନିର୍ମାଣ କରାଯାଇଥିଲା। ଉଦ୍‌ଘାଟନ ଦିନ କେବଳ ଲୋକ ଦେଖାଣିଆ ଭାବେ ଟାଙ୍କିରେ ପାଣି ପୂରାଇ ପ୍ରଶାସନ ବାହାବା ନେଇଥିଲା, ମାତ୍ର ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଶୌଚାଳୟରେ ତାଲା ଝୁଲୁଛି। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପୁରୁଷ, ମହିଳା ଏବଂ ଭିନ୍ନକ୍ଷମଙ୍କ ନିମନ୍ତେ ଉଦ୍ଦିଷ୍ଟ ୩ଟି କୋଠରୀ ବିଶିଷ୍ଟ ଏହି ଶୌଚାଳୟକୁ ଜନସାଧାରଣ ଥରୁଟିଏ ହେଲେ ବ୍ୟବହାର କରିପାରି ନାହାନ୍ତି। ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କ କହିବାନୁଯାୟୀ, ଏହା ୨୦୨୨-୨୩ ବର୍ଷର ବ୍ୟବସ୍ଥା ଥିଲା ଏବଂ ବର୍ତ୍ତମାନ ସରକାରଙ୍କର ସେଭଳି କୌଣସି ବ୍ୟବସ୍ଥା ନାହିଁ। ଦୁଇ ବର୍ଷ ହେବ ଶୌଚାଳୟରେ ତାଲା କାହିଁକି ଝୁଲୁଛି, ସେ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ସେ ସରପଞ୍ଚଙ୍କ ଉପରକୁ ଦୋଷ ଠେଲି ଦେଇଛନ୍ତି। ଅନ୍ୟପଟେ ସରପଞ୍ଚଙ୍କ ସହ

- ପାଣିରେ ପଡ଼ିଲା ସରକାରଙ୍କ ୩ ଲକ୍ଷ ଟଙ୍କା
- ସହକାରୀ ଯନ୍ତ୍ରୀ ଓ ସରପଞ୍ଚଙ୍କ ମଧ୍ୟରେ ଚାଲିଛି ଦାୟିତ୍ୱ ଠେଲାପେଲା

ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଏହି ଦାୟିତ୍ୱ ଠେଲାପେଲା ଯୋଗୁଁ ସାଧାରଣ ଲୋକେ ସେମାନଙ୍କର ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ କୋଷାଗାରରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଏହା ଲୋକଙ୍କ କାମରେ ନ ଲାଗିବା ଏକ ବଡ଼ ଧରଣର ଦୁର୍ନୀତି ଓ ଅପଚୟ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବିଧାରପୁର ଛକ ଏକ ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଏଠାରେ ଏକ ଗୋଷ୍ଠୀ ଶୌଚାଳୟର ଅତି ଆବଶ୍ୟକତା ରହିଛି। ମାତ୍ର ପ୍ରଶାସନିକ ଉଦାସୀନତା ଯୋଗୁଁ ସ୍ୱଚ୍ଛ ଭାରତ ମିଶନର ଲକ୍ଷ୍ୟ ଏଠାରେ ବିଫଳ ହେବାକୁ ବସିଛି। ଏହି ଘଟଣାରେ ଜିଲ୍ଲାପାଳ ହସ୍ତକ୍ଷେପ କରି ତୁରନ୍ତ ଶୌଚାଳୟଟିକୁ କାର୍ଯ୍ୟକ୍ଷମ କରିବା ସହ ଅର୍ଥର ଅପବ୍ୟୟ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# କଟକ ସିଟି



## ବାରଙ୍ଗରେ ନିର୍ମାଣାଧୀନ ସେତୁ ଭୁଶୁଡ଼ିଲା

**● ନିମ୍ନମାନର କାର୍ଯ୍ୟ ଅଭିଯୋଗ, ଅଳ୍ପକେ ବର୍ତ୍ତିଲେ ଶ୍ରମିକ**



ବାରଙ୍ଗ,୨୨ା୨(ସମିସ): ବାରଙ୍ଗ ବ୍ଲକ ବେଲଗଛିଆ ଓ ଦାଢାପାଟଣା ପଞ୍ଚାୟତକୁ ସଂଯୋଗ କରୁଥିବା ନିର୍ମାଣଧୀନ ବିଜୁ ସେତୁରେ ରବିବାର ଏକ ବଡ଼ ଅଘଟଣ ଘଟିଯାଇଛି। ସେତୁ ଉପରେ ଢଳେଇ କାର୍ଯ୍ୟ ଚାଲିଥିବା ସମୟରେ ହଠାତ୍ ଗୋଟିଏ ପାଶ୍ୱର୍ର ଲୁହା ବାଡ଼ ଓ ଛଡ଼ ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ସେତୁ ଉପରେ କାର୍ଯ୍ୟରତ ଶ୍ରମିକମାନେ ଭୟଭୀତ ହୋଇ ଦୌଡ଼ି ପଳାଇବାରୁ ସୌଭାଗ୍ୟବଶତଃ କାହାର କୌଣସି ଜୀବନହାନି ଘଟିନାହିଁ। ତେବେ ଏହି ଘଟଣା ସେତୁ ନିର୍ମାଣର ଗୁଣବତ୍ତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପୁରୀ ମୁଖ୍ୟ କେନାଲ ଉପରେ ପ୍ରାୟ ୫ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ ହେଉଛି। ୨୦୨୩ ଜୁନ୍ ମାସରେ ଏହାର ଶୁଭ ଦିଆଯାଇଥିଲା ଏବଂ ୧୫ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ୩୨ ମାସ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏହି ବିଳମ୍ବ ଓ ନିମ୍ନମାନର ନିର୍ମାଣ କାର୍ଯ୍ୟ ପାଇଁ ସେତୁଟି ଭୁଶୁଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେନାଲ ଅପର ପାଶ୍ୱର୍ରେ ଚାଷ ଜମି ଥିବାରୁ ସେତୁ କାର୍ଯ୍ୟରେ ବିଳମ୍ବ ଯୋଗୁଁ ଚାଷୀ ଓ ସାଧାରଣ ଜନତା ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘଟଣା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ କହିଛନ୍ତି ଯେ ଢଳେଇ ସମୟରେ ପାଶ୍ୱର୍ରେ ଥିବା ଏକ ଲୁହା ଖସି ପଡ଼ିଥିଲା, ଯାହା ଫଳରେ କିଛି ସମୟ କାର୍ଯ୍ୟ ବନ୍ଦ ରହିଥିଲା। ଏଥିରେ କୌଣସି ବଡ଼ କ୍ଷତି ହୋଇନାହିଁ ଏବଂ ଖୁବଶୀଘ୍ର କାର୍ଯ୍ୟ ପୁଣି ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

**■ କଟକରେ ନିର୍ମାଣ ଶ୍ରମିକ ସହାୟତା ଶିବିର**

## ୪୦୯୯ ହିତାଧିକାରୀଙ୍କୁ ୨୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବଣ୍ଟନ



କଟକ,୨୨ା୨(ସମିସ): କଟକ ଜିଲ୍ଲା ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ନୂଆପଡ଼ା ବାଲିସାହିସ୍ଥିତ ଗାଦି ଗୋସାଇଁ ପଡ଼ିଆଠାରେ ଏକ ସ୍ୱତନ୍ତ୍ର ନିର୍ମାଣ ଶ୍ରମିକ ସହାୟତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଯୋଗ ଦେଇଥିଲେ। ଶିବିରରେ ମୋଟ ୪୦୯୯ ଜଣ ହିତାଧିକାରୀଙ୍କୁ ଶିକ୍ଷା ବୃତ୍ତି, ବିବାହ, ପ୍ରସୂତି ଓ ମୃତ୍ୟୁକାଳୀନ ସହାୟତା ବାବଦକୁ ମୋଟ ୨୬ କୋଟି ୨୦ ଲକ୍ଷ ୭୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ୫୦ ଜଣ ନୂତନ ଶ୍ରମିକଙ୍କୁ ପରିଚୟପତ୍ର ମଧ୍ୟ ବଣ୍ଟନ କରାଯାଇଛି। ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡ଼ାଇ ଓ ସହକାରୀ ଶ୍ରମ ଅଧିକାରୀ ମୋନାଲିସା ପାଢ଼ୀଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।

## ଉତ୍କଳ ସେବକ ସମାଜ ପକ୍ଷରୁ 'ବାଲ୍ୟ ବିବାହ ମୁକ୍ତି ରଥ'




କଟକ,୨୨ା୨(ସମିସ): ବାଲ୍ୟ ବିବାହ ପରି ଏକ ସାମାଜିକ କୁପ୍ରଥାକୁ ସମୂଳେ ବିନାଶ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନର ସହଯୋଗରେ ଉତ୍କଳ ସେବକ ସମାଜ ପକ୍ଷରୁ ଏକ "ବାଲ୍ୟ ବିବାହ ମୁକ୍ତି ରଥ' ଆରମ୍ଭ ହୋଇଛି। ଶୋଭନୀୟ ଶିକ୍ଷାଶ୍ରମରେ ଆୟୋଜିତ ଏହି ସମାରୋହରେ ଉତ୍କଳ ସେବକ ସମାଜର ସମ୍ପାଦକ ଡ. ଅମିୟ ଭୂଷଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ୨୦୩୦ ସୁଦ୍ଧା ଭାରତକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସରକାରଙ୍କ ଯେଉଁ ଲକ୍ଷ୍ୟ ରହିଛି, ସେଥିରେ ଏହି ସଚେତନତା ରଥ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାସ ଓ ମନସ୍ମିତା ଖୁଣ୍ଟିଆ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରଶ୍ମିତା ମହାନ୍ତି ଉପସ୍ଥିତ ସଦସ୍ୟ ଓ ଶତାଧିକ ଛାତ୍ରଛାତ୍ରୀଙ୍କୁ ବାଲ୍ୟ ବିବାହ ରୋକିବା ପାଇଁ ଶପଥ ପାଠ କରାଇଥିଲେ। ଶିଶୁ ମଙ୍ଗଳ ସମିତିର ସଦସ୍ୟ, ଚାଇଲ୍ଡ ଲାଇନର କର୍ମକର୍ତ୍ତା ଏବଂ ସାମାଜିକ କର୍ମୀମାନେ ସାମିଲ ଥିଲେ। ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଡ. ଅରୁନ୍ଧତୀ ଦେବୀ ଧନ୍ୟବାଦ ଦେଇଥିଲେ।

**ବେନାମୀ ମାରଣାସ୍ତ୍ର କାରବାର**

# ପୁଲିସ ଜବତ କରିପାରିନି ୨୦୦ ବେଆଇନ ବନ୍ଧୁକ





**● ୪୨ ମୌଜା ନକଲି କାରଖାନା ଠାବ ଘଟଣାରେ ହୋଇଥିଲା ୧ କୋଟି ଟଙ୍କାର କାରବାର**

**● ନୂଆପଡ଼ା ଗୁଳିକାଣ୍ଡରେ ବ୍ୟବହାର ହୋଇଛି ମୁଙ୍ଗେର୍ ବନ୍ଧୁକ ମାଇକା-୬୯**

କଟକ,୨୨ା୨(ସମିସ): ୪୨ ମୌଜା ବନ୍ଧୁକ କାରଖାନାରୁ କଟକ ସହର ଓ ଗ୍ରାମାଞ୍ଚଳରେ ମୋଟ୍ ୨୦୦ଟି ବନ୍ଧୁକ ବିକ୍ରି ହୋଇଥିଲା। ଏହି ବନ୍ଧୁକକୁ କଟକ ଓ ଭୁବନେଶ୍ୱରର ଅପରାଧୀମାନେ କିଣି ନେଇଥିବା ବର୍ଷକ ପୂର୍ବରୁ ଏସ୍‌ଟିଏଫ୍‌ର ସ୍ପେସାଲ୍ ସ୍କ୍ୱାଡ୍ ଜାଣିବାକୁ ପାଇଥିଲା। ଗୋଟିଏ ବନ୍ଧୁକର ଦାମ ସର୍ବନିମ୍ନ ୫୦ ହଜାର ଟଙ୍କାରେ ବିକ୍ରି ହୋଇଥିଲା। ତେବେ ମୋଟ୍ ୧କୋଟି ଟଙ୍କାର କାରବାର ହୋଇଥିବା ତଦନ୍ତରୁ ଏସ୍‌ଟିଏଫ୍ ଜାଣିଥିବା ବେଳେ ପୁଲିସ ତୁରନ୍ତ ଏହାକୁ ଚଢ଼ଉ କରି ଜବତ କରିବାକୁ ବିଭାଗୀୟ ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଶରତ ବେହେରା(ଯାଦବ) ବନ୍ଧୁକଗୁଡ଼ିକୁ ଲୋକାଲ୍ ବଜାରରେ ବିକ୍ରି କରିଥିବା ପ୍ରମାଣ କମିସନରେଟ୍ ପୁଲିସ ସଂଗ୍ରହ କରିଥିଲା। କଟକ-ଭୁବନେଶ୍ୱରରେ ୨୦୦ ବନ୍ଧୁକ ବିକ୍ରିକୁ ବାଦ୍ ଦେଲେ ରାଜ୍ୟ ଏବଂ ରାଜ୍ୟ ବାହାରକୁ ଶହ ଶହ ବନ୍ଧୁକ ୪୨ ମୌଜା ଥାନା ଅନ୍ତର୍ଗତ ଧୂଳେଶ୍ୱର ଗାଁରେ ଚାଲିଥିବା ବେଆଇନ ବନ୍ଧୁକ କାରଖାନାରୁ ବିକ୍ରି ହୋଇଥିବା ପୁଲିସକୁ ସ୍ପଷ୍ଟ ସୂଚନା ମିଳିଥିଲା। ହେଲେ ବନ୍ଧୁକ କାରଖାନା ଠାବ ଘଟଣାକୁ ୧ବର୍ଷ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ଏହି କାରଖାନାରୁ ସପ୍ଲାଏ ହୋଇଥିବା ଗୋଟିଏ ବି ବନ୍ଧୁକ ଠାବ କରାଯାଇ ପାରିନାହିଁ। ନୂଆପଡ଼ା ଗୁଳିକାଣ୍ଡରେ ମୁଙ୍ଗେର୍ ବନ୍ଧୁକ ମାଇକା-୬୯ ବ୍ୟବହାର କରାଯାଇଥିବା ବେଳେ ପୁଲିସ ଏହି ତଥ୍ୟକୁ ଗ୍ରହଣ କରୁନାହିଁ। ପୁଲିସ ଏହି ବନ୍ଧୁକ କଳାହାଣ୍ଡିରୁ ଆସିଥିବା ସୂଚନା ଦେଇଛି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ଡିଜାଇନ୍‌ର ବନ୍ଧୁକ ୪୨ମୌଜା ବେଆଇନ ବନ୍ଧୁକ କାରଖାନାରୁ ନିର୍ମିତ ହୋଇଥିଲା। କଟକ ସହର ଓ ଗ୍ରାମାଞ୍ଚଳରେ ବିକ୍ରି ହୋଇଥିବା ୨୦୦ ବନ୍ଧୁକକୁ ତୁରନ୍ତ ଚଢ଼ଉ କରାଯାଇ ଜବତ କରା ନଗଲେ, ଆଗାମୀ ଦିନରେ ଅପରାଧୀମାନେ ଖୁଲମ୍‌ଖୁଲା ଧମକ ଚମକ ଦେବା ସହିତ ଅନେକ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିବାର ଆଶଙ୍କା ରହିଛି।

ସୂଚନା ଅନୁସାରେ, ୪୨ ମୌଜାରେ ବନ୍ଧୁକ ସମ୍ପୂର୍ଣ୍ଣ ଭାବେ ତିଆରି ହେଉ ନଥିଲା। କୋଲକାତାରୁ କଞ୍ଚାମାଲ୍ ଆଣିବା ପରେ ଏଠାରେ କେବଳ ଛାଞ୍ଚ ତଥା ବ୍ୟାରେଲ୍, ସ୍ଲାଇଡ୍ ଏବଂ ହ୍ୟାଣ୍ଡଗ୍ରିପ୍ ତିଆରି କରାଯାଉଥିଲା। ଏହାପରେ ବନ୍ଧୁକ ଗୁଡ଼ିକୁ ମୁଙ୍ଗେର୍‌କୁ ପଠାଯାଉଥିଲା। ସେଠାରେ ଟ୍ରିଗର୍, ମାଗାଜିନ୍, କ୍ୟାଟରିଜ୍, ହାମର୍, ମୋଜେଲ୍, ହ୍ୟାଣ୍ଡଗ୍ରିପ୍ କଭର୍, ସେଫ୍ଟି ଲକ୍, ରିକଏଲ ସ୍ପ୍ରିଙ୍ଗ୍, ଫ୍ରଣ୍ଟ-ଷ୍ଟ୍ରାପ୍ ଓ ସ୍ଲାଇଡ୍ ଲକ୍ ଇତ୍ୟାଦି ପ୍ରସ୍ତୁତ ହେଉଥିଲା। ମୁଙ୍ଗେରରୁ ଏସବୁ ସାମଗ୍ରୀ ଅଣାଯିବା ପରେ ଯେଉଁଗୁଡ଼ିକ ଏଠାରେ ବିକ୍ରି କରାଯିବ, ତାହାକୁ ଫାଇନାଲ୍ ଟଚ୍ ଦିଆଯାଉଥିଲା। ଏହାକୁ ମୁଙ୍ଗେରରୁ ଅଣାଯାଇ ୪୨ମୌଜାରେ ପହଞ୍ଚାଯାଉଥିଲା। ଏହାପରେ ଗୋଟିଏ ବନ୍ଧୁକକୁ ୫୦ହଜାର ଟଙ୍କାରେ ବିକ୍ରି କରାଯାଉଥିଲା। ଏହାକୁ ବାଦ ଦେଲେ କେତେକ କୁଖ୍ୟାତ ବନ୍ଧୁକ ବେପାରୀ କଟକକୁ ବନ୍ଧୁକ ସପ୍ଲାଏ କରୁଥିଲେ। ଗତବର୍ଷ ମାର୍ଚ୍ଚ ୭ ତାରିଖରେ ନିମ୍‌ଚୌଡିର ଆରଏନ୍‌ଟି କଲେଜ ନିକଟସ୍ଥ ନିଛାଟିଆ ରାସ୍ତାରେ ବନ୍ଧୁକ ବିକ୍ରୟ ପାଇଁ ଡିଲ୍ ହେଉଥିବା ବେଳେ ଅଚାନକ କମିସନରେଟ୍ ପୁଲିସର ସ୍ପେସାଲ୍ ସ୍କ୍ୱାଡ୍ ଚଢ଼ଉ କରି ୩ଟି ମୁଙ୍ଗେର୍ ବନ୍ଧୁକ ସମେତ ୧୫ଟି ଅଫୁଟା ଗୁଳି ଓ ୩ଟି ବାଇକ୍ ଜବତ କରିଥିଲା। ଏହାର ମାସକ ପୂର୍ବରୁ ବାରଙ୍ଗ, ନରାଜ ଓ ସିଡିଏ ଅଞ୍ଚଳରୁ ପୁଲିସ ୫ଟି ବିଦେଶୀ ପିସ୍ତଲ ଜବତ କରିଥିଲା। ଯେଉଁଥିରେ ୩ଟି ୯ ଏମ୍‌ଏମ୍ ପିସ୍ତଲ ଓ ଦୁଇଟି ୭.୬୫ ଏମ୍‌ଏମ୍ ପିସ୍ତଲ ରହିଥିଲା। ଏଥିସହ ୩୦ରାଉଣ୍ଡ ଗୁଳି ମଧ୍ୟ ମିଳିଥିଲା। ତେବେ ପୁଲିସ ସମ୍ପୃକ୍ତ ୩ ବନ୍ଧୁକ ବେପାରୀଙ୍କୁ ଥାନାରେ ପଚରା ଉଚରା କରିବା ବେଳେ ବନ୍ଧୁକ କାରବାର ସଂକ୍ରାନ୍ତରେ ବହୁ ଚାଞ୍ଚଲ୍ୟକାର ତଥ୍ୟ ଜାଣିବାକୁ ପାଇଥିଲା। ସିଧାସଳଖ ଭାବେ ଗ୍ୟାଙ୍ଗଷ୍ଟାର୍ ସକିଲ୍‌ର ଲିଙ୍କ୍ ମଧ୍ୟ ପୁଲିସକୁ ମିଳିଥିଲା। ଗତ ଦେଢ଼ବର୍ଷ ମଧ୍ୟରେ ସମୁଦାୟ ୨୮ ଜଣ ଚୋରା ବନ୍ଧୁକ କାରବାରରେ ଲିପ୍ତ ଥିବା ଅପରାଧୀଙ୍କୁ ପୁଲିସ ଗିରଫ କରି ସାରିଲାଣି। ପ୍ରତ୍ୟେକ ଚୋରା ବନ୍ଧୁକ ବେପାରିଙ୍କ ଲିଙ୍କ୍ ସକିଲ୍ ସହିତ ରହିଥିବା ଜଣାପଡ଼ିଛି। ଧଳସାମନ୍ତ ତଥା ଡ୍ରି-ବ୍ରଦର୍ସର ଅପରାଧ ସାମ୍ରାଜ୍ୟ ଧୂଳିସାତ୍ ହୋଇଥିବା ବେଳେ ଏବେ ଗ୍ୟାଙ୍ଗଷ୍ଟର୍ ସକିଲର ସହଯୋଗୀ କଟକ ସହରରେ ଚୋରା ବନ୍ଧୁକ ସିଣ୍ଡିକେଟ୍ ଚଳାଉଥିବା ଖବର ମିଳିଛି। ଅନ୍ୟପଟେ ୪୨ ମୌଜା ବେଆଇନ ବନ୍ଧୁକ କାରଖାନାରୁ ବିକ୍ରି ହୋଇଥିବା ୨୦୦ଟି ବନ୍ଧୁକ ଏବେ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

## ବାରବାଟୀ-କଟକ ବିଜେଡିର ପ୍ରସ୍ତୁତି ବୈଠକ



**୨୪ରେ ବିଧାନସଭା ଘେରିବ ଦଳ**

କଟକ,୨୨ା୨(ସମିସ): ଆସନ୍ତା ଫେବୃଆରୀ ୨୪ ତାରିଖରେ ବିଜୁ ଜନତା ଦଳ ପକ୍ଷରୁ ଆହୂତ 'ବିଧାନସଭା ଚଲୋ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ବାରବାଟୀ ଷ୍ଟାଡିୟମ ନିକଟରେ କଟକ ମେୟର ତଥା ବିଜେଡି ରାଜ୍ୟ କୋଷାଧ୍ୟକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ବଢୁଥିବା ଦରଦାମ ବୃଦ୍ଧି, ମଣ୍ଡିରେ ଧାନ ପଡ଼ିରହିବା, ଚାଷୀଙ୍କ ସମସ୍ୟା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଏବଂ ନୂତନ ଭଡା କାର୍ଡ ପ୍ରଦାନରେ ସରକାରଙ୍କ ବିଳମ୍ବ ନୀତି ବିରୋଧରେ ଦଳ ପକ୍ଷରୁ ଏହି ପ୍ରତିବାଦ କରାଯିବ। ଏହି ବୈଠକରେ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ଜିଲ୍ଲା ମହିଳା ସଭାପତି ଅନିତା ବେହେରା, କାର୍ଯ୍ୟକାରୀ ମହିଳା ସଭାପତି ପୂର୍ଣ୍ଣିମା ସିଂହ ଓ ପୂର୍ବତନ ସହର ସଭାପତି ମଧୁସୂଦନ ସାହୁ, ଏକରାମ ହୁସେନ, ରମଜାନ ଖାନ, ପ୍ରଫୁଲ୍ଲ ବେହେରାଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ପୋରେଟର ଯୋଗଦେଇଥିଲେ। ସଭାରେ ବାରବାଟୀ-କଟକ ବିଜେଡିର ଆଗଧାଡ଼ିର ନେତୃବୃନ୍ଦ, ଯୁବ, ମହିଳା ଓ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ଝାଞ୍ଜିରୀ ମଙ୍ଗଳାଙ୍କ ପୀଠରେ ଶାନ୍ତିଯଜ୍ଞ



କଟକ,୨୨ା୨(ସମିସ): ଓଡ଼ିଶା ସଙ୍ଗୀତ ଜଗତର କଲ୍ୟାଣ ଏବଂ ଶାନ୍ତି ନିମନ୍ତେ କଟକସ୍ଥିତ ପ୍ରସିଦ୍ଧ ମାଁ ଝାଞ୍ଜିରୀ ମଙ୍ଗଳାଙ୍କ ମନ୍ଦିର ପରିସରରେ ରବିବାର ଏକ ଭବ୍ୟ ଶାନ୍ତିଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନିକଟରେ ପ୍ରାଣ ହରାଇଥିବା ତିନି ପ୍ରତିଭାବାନ ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ଅଭିଜିତ ମଜୁମଦାର, ସ୍ୱର୍ଗତ ଶାନ୍ତିରାଜ ଖୋସଲା ଓ ସ୍ୱର୍ଗତ ସଞ୍ଜୟ ସାହୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏହି ହୋମଯଜ୍ଞର ଆୟୋଜନ କରାଯାଇଥିଲା। ସଙ୍ଗୀତ କ୍ଷେତ୍ରରେ ଯେପରି କୌଣସି କଳାକାରଙ୍କର ଆଉ ଅକାଳ ବିୟୋଗ ନ ଘଟେ, ସେଥିପାଇଁ ଶତାଧିକ କଳାକାର ଓ ଶ୍ରଦ୍ଧାଳୁ ମାଁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଯଜ୍ଞ ପରେ ଉପସ୍ଥିତ କଳାକାର ଓ ପରିବାର ସଦସ୍ୟମାନେ ଦିବଂଗତ ସଙ୍ଗୀତ ନିର୍ଦ୍ଦେଶକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଗରିବ ଓ ଅସହାୟ ଲୋକଙ୍କୁ ଅନ୍ନଭୋଜନ ମଧ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନିରୁଦ୍ଧ ଧଳ, ପ୍ରମୋଦ ନନ୍ଦ, ଦେବାଶିଷ ତ୍ରିପାଠୀ, ନିର୍ମଳ ନାୟକ, ଯତୀନ୍ଦ୍ର ପ୍ରଧାନ ଓ ଜିତୁ ସାବତଙ୍କ ସମେତ ସଙ୍ଗୀତ ଜଗତର ଅନେକ ଜଣାଶୁଣା ବ୍ୟକ୍ତି ସପରିବାର ଯୋଗଦେଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମଗ୍ର ସଙ୍ଗୀତ କ୍ଷେତ୍ରରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା।

## ପ୍ରାପ୍ୟ ମାଗିବାରୁ ଡେଲିଭରି ବୟଙ୍କ ବିରୋଧରେ ଅଭିଯୋଗ

**● କଟକର ବିଭିନ୍ନ ଅଞ୍ଚଳରେ ସେବା ଠପ୍**

କଟକ,୨୨ା୨(ସମିସ): ସିଡିଏ ସେକ୍ଟର-୨ସ୍ଥିତ ବ୍ଲିଙ୍କଇଟ୍ ଅନଲାଇନ ଡେଲିଭରି ସଂସ୍ଥାରେ କାର୍ଯ୍ୟରତ ୭୦ରୁ ଅଧିକ କର୍ମଚାରୀ ସେମାନଙ୍କର ନ୍ୟାଯ୍ୟ ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଉଚିତ ପ୍ରାପ୍ୟ ପ୍ରଦାନ, ଦୁର୍ଘଟଣା ବୀମା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ କର୍ମଚାରୀମାନେ ଗତ ୨୧ ତାରିଖ ସକାଳେ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିଦିନ ରାତି ୧୦ଟା ସୁଦ୍ଧା ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସଂସ୍ଥା ଏହାକୁ କାର୍ଯ୍ୟକାରୀ କରି ନ ଥିଲା। ଫଳରେ ଆଜି ସକାଳୁ ଡେଲିଭରି ବୟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି, ଯାହାଦ୍ୱାରା ସିଡିଏ, ଓଡ଼ିଆ ବଜାର, ଚାନ୍ଦିନୀଚୌକ, ଚଣ୍ଡୀ ଛକ, ନରାଜ ଏବଂ ଆଇନ ବିଶ୍ୱବିଦ୍ୟାଳୟ ପରି ପ୍ରମୁଖ ଅଞ୍ଚଳରେ ଅନଲାଇନ ସେବା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବ୍ଲିଙ୍କଇଟ୍ କର୍ତ୍ତୃପକ୍ଷ ଦମନମୂଳକ ନୀତି ଆପଣେଇଥିବା ଅଭିଯୋଗ ହୋଇଛି। ଆନ୍ଦୋଳନର ନେତୃତ୍ୱ ନେଉଥିବା ୬ ଜଣ କର୍ମଚାରୀ ରାମଚନ୍ଦ୍ର ସାହୁ, ପିଙ୍କୁନ ରାଉତ, ଜିତୁ ସାମଲ, ସୌଭାଗ୍ୟ ବେହେରା, ମନୋଜ ସାହୁ ଓ ବିଶାଳ ଜେନାଙ୍କ ବିରୋଧରେ ବିଡାନାସୀ ଥାନାରେ କମ୍ପାନୀର ସିକ୍ୟୁରିଟି ମ୍ୟାନେଜର ଏତଲା ଦେଇଛନ୍ତି। ସଂସ୍ଥାର ମନମାନି ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଉଥିବା କର୍ମଚାରୀ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସେମାନଙ୍କର ଅଭିଯୋଗ ଯେ ସେମାନେ ନିଜର ନ୍ୟାଯ୍ୟ ଅଧିକାର ମାଗୁଥିବା ବେଳେ କର୍ତ୍ତୃପକ୍ଷ ମିଥ୍ୟା ମାମଲା କରି ସେମାନଙ୍କ ସ୍ୱର ଚାପିବାକୁ ଚେଷ୍ଟା କରୁଛନ୍ତି। ଯେ ପର୍ଯ୍ୟନ୍ତ ଦାବି ପୂରଣ ହୋଇନାହିଁ ଏବଂ ଉଚିତ ଶ୍ରମିକ ନୀତି ଆପଣାଯାଇ ନାହିଁ, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲୁ ରହିବ ବୋଲି କର୍ମଚାରୀମାନେ ସ୍ପଷ୍ଟ କରିଛନ୍ତି।

## ବିଜୟ ପଡିହାରୀ ଇସ୍‌କଫ୍‌ର ଜାତୀୟ ସାଧାରଣ ସମ୍ପାଦକ



କଟକ,୨୨ା୨(ସମିସ): ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସକଫ)ର ଜାତୀୟ ସମ୍ମିଳନୀ ଚେନ୍ନାଇଠାରେ ଗତ ୧୯ ଏବଂ ୨୦ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ସମାଜସେବୀ ତଥା ଶାନ୍ତି ମୈତ୍ରୀ ଆନ୍ଦୋଳନର ଅଗ୍ରଣୀ ନେତା ବିଜୟକୁମାର ପଡିହାରୀ ପୁଣିଥରେ ଇସକଫର ଜାତୀୟ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ପଡିହାରୀ ସମ୍ପ୍ରତି ସମ୍ବାଦପତ୍ର ବିକ୍ରେତା ସଂଘର ସଭାପତି ଭାବେ କାର୍ଯ୍ୟରତ ଥିବା ବେଳେ, ତାଙ୍କର ଦକ୍ଷ ନେତୃତ୍ୱ ଓ ସାଂସ୍କୃତିକ କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୁନର୍ବାର ପ୍ରଦାନ କରାଯାଇଛି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଶେଷକରି ଓଡ଼ିଶାର ସାଂସ୍କୃତିକ ଓ ସାମାଜିକ ସଂଗଠନଗୁଡ଼ିକ ଏଥିପାଇଁ ଖୁସି ବ୍ୟକ୍ତ କରିଛନ୍ତି।

## ଓଷ୍ଟା ପକ୍ଷରୁ ୧୧୮ ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ପ୍ରଦାନ



କଟକ,୨୨ା୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ମେଧାବୃତ୍ତି ସମ୍ବର୍ଦ୍ଧନା ସମାରୋହ ନିଜସ୍ୱ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉଦ୍‌ଘାଟକ ଭାବେ ଭଗବାନ ପ୍ରସାଦ ସାହୁ, ସ୍ୱତନ୍ତ୍ର ଶାସନ ସଚିବ, ଆଇନ୍ ବିଭାଗ ଯୋଗଦେଇ ଉକ୍ତ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କେରକୋରା, ମୁଖ୍ୟବକ୍ତା ଭାବେ ଉପ ହିସାବ ନିୟନ୍ତ୍ରକ ସୁଶ୍ରୀ ଧରିତ୍ରୀ ବରାଳ ଯୋଗ ଦେଇଥିଲେ। ସାଧାରଣ ସଂପାଦକ ରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚାସୀନ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶୈକ୍ଷିକ କମିଟି ସଂପାଦକ ପ୍ରଣବ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡିଶାର ବିଭିନ୍ନ କୋଣ ଅନୁକୋଣରୁ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷାରେ କୃତୀ ୧୧୮ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରି ବୃତ୍ତି ରାଶି ପ୍ରଦାନ କରାଯାଇଥିଲା। ଓଷ୍ଟାର ନେତୃମଣ୍ଡଳୀ ସଞ୍ଜୟ ସିଂହ, ତ୍ରିଲୋଚନ ଦାଶସହଯୋଗ କରିଥିଲେ। ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଧନ୍ୟବାଦ ଦେଇଥିଲେ।

**ରେଭେନ୍ସା ଅଧ୍ୟାପକଙ୍କୁ କେନ୍ଦ୍ରୀୟ ଗବେଷଣା ଅନୁଦାନ**

# ହିମାଳୟ ଗ୍ଲାସିୟର ଉପରେ ହେବ ବୈଜ୍ଞାନିକ ଅନୁଧାନ

**● ଏଏନ୍‌ଆର୍‌ଏଫ୍ ପକ୍ଷରୁ ୬୦ ଲକ୍ଷ ଟଙ୍କାର ପ୍ରକଳ୍ପ ମଞ୍ଜୁର**

**● ହିମାଳୟର ବରଫସ୍ରୋତର ଗତିଶୀଳତା ପରଖିବେ ଡ. ନୀରସିନ୍ଧୁ**



କଟକ,୨୨ା୨(ସମିସ): ଓଡ଼ିଶାର ଗୌରବମୟ ଶିକ୍ଷାନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ଏକ ବଡ଼ ସଫଳତା ଆସିଛି। ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ନୀରସିନ୍ଧୁ ଦେଶିନାୟକଙ୍କୁ ଭାରତ ସରକାରଙ୍କ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ (ଏଏନଆରଏଫ) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ପ୍ରକଳ୍ପ ମଞ୍ଜୁର ହୋଇଛି। ପ୍ରାୟ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳର ଏହି ପ୍ରକଳ୍ପ ମାଧ୍ୟମରେ ଡ. ଦେଶିନାୟକ ପଶ୍ଚିମ ହିମାଳୟ ଅଞ୍ଚଳରେ ଥିବା ବରଫ ସ୍ରୋତ ଏବଂ ବରଫ ହ୍ରଦଗୁଡ଼ିକର ଗତିଶୀଳତା ଉପରେ ଗଭୀର ଅନୁଧାନ କରିବେ। ଏହି ଗବେଷଣାରେ ସେ ଆଧୁନିକ ରିମୋଟ୍ ସେନ୍ସିଂ ଏବଂ ଡିପ୍ ଲର୍ଣ୍ଣିଂ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରିବେ। ଏହି ଅନୁଦାନ ବଳରେ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗରେ ଏକ ଅତ୍ୟାଧୁନିକ ୱାର୍କଷ୍ଟେସନ ସ୍ଥାପନ କରାଯିବ। ଏଥିସହ ଗବେଷଣା କାର୍ଯ୍ୟରେ ସହାୟତା ପାଇଁ ଜଣେ ଜୁନିୟର ରିସର୍ଚ୍ଚ ଫେଲୋଙ୍କୁ ମଧ୍ୟ ନିୟୋଜିତ କରାଯିବ। ଡ. ଦେଶିନାୟକଙ୍କ ଏହି ସଫଳତା ପଛରେ ଏକ ପ୍ରେରଣାଦାୟୀ କାହାଣୀ ରହିଛି। କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକର ଦୁର୍ଗମ ଲଙ୍କାଗଡ଼ ଗ୍ରାମରୁ ଆସି ସେ ଆଜି ଏହି ଶୀର୍ଷରେ ପହଞ୍ଚିଛନ୍ତି। ସେ ଆଇଆଇଟି (ଆଇଆଇଟି-ଆଇଏସଏମ) ଧାନବାଦରୁ ପିଏଚଡି ହାସଲ କରିବା ସହ ତାଙ୍କ ନାମରେ ୪ଟି ପେଟେଣ୍ଟ ଏବଂ ଅନେକ ଉଚ୍ଚକୋଟୀର ଗବେଷଣା ପ୍ରବନ୍ଧ ରହିଛି। ସେ ମଧ୍ୟ ପୂର୍ବରୁ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଇନୋଭେସନ କାର୍ଯ୍ୟକ୍ରମରେ ଅନୁଦାନ ପାଇସାରିଛନ୍ତି। ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଏହାର ଭୂ-ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବାରେ ଏହି ଗବେଷଣା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ସାଟେଲାଇଟ୍ ତଥ୍ୟର ବିଶ୍ଳେଷଣ କରି ପରିବେଶ ପରିବର୍ତ୍ତନର ସଠିକ୍ ଆକଳନ କରାଯାଇପାରିବ। ଡ. ଦେଶିନାୟକଙ୍କ ଏହି କୃତିତ୍ୱ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷାବିତ୍ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହା କେବଳ ରେଭେନ୍ସା ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବର ବିଷୟ।

